# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ସପ୍ତମ** | **ବିଷୟ : ମାତୃଭାଷା (ଓଡ଼ିଆ)**

**ସମୟ : ୨ଘଣ୍ଟା** | **ପୂର୍ଣ୍ଣସଂଖ୍ୟା : ୧୦୦**

୧. ସୁଲିଖନ । ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି ।

(କ) ବାକ୍ୟଟିକୁ ଗାର ମଧ୍ୟରେ ଲେଖ । ୨

(ଖ) ବାକ୍ୟଟିକୁ ବିନା ଗାରରେ ଲେଖ । ୩

୨. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ । ୫ × ୨ = ୧୦

(କ) ଦୃଢ଼ପ୍ରତିଜ୍ଞ ସାଧକ ଭାବରେ ଓରିଲିଙ୍କ ବ୍ୟକ୍ତିତ୍ୱର ପ୍ରମାଣ ଦିଅ ।

(ଖ) ଜୟୀ ରାଜଗୁରୁ କୁଶଳୀ ଯୋଦ୍ଧାମାନଙ୍କୁ କେତେ ଭାଗରେ ବିଭକ୍ତ କରିଥିଲେ ଓ ସେମାନଙ୍କର କାର୍ଯ୍ୟ କ'ଣ ଥିଲା ?

(ଗ) ଯମ ନଚିକେତାଙ୍କୁ ରତ୍ନମାଳ ପିନ୍ଧାଇ ଦେଲେ କାହିଁକି ?

୩. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । ୫

(କ) ତଟିନୀକୁ କାହିଁକି ଜଗତର କଲ୍ୟାଣୀ ବୋଲି କୁହାଯାଇଛି ?

(ଖ) କ୍ଷୁଦ୍ର ମଧ୍ୟରେ କିପରି ବିରାଟର ସମ୍ଭାବନା ନିହିତ ଥାଏ ପଠିତ କବିତା 'ଛୋଟରୁ ବଡ଼' ଅବଲମ୍ବନରେ ଲେଖ ।

୪. ଗଦ୍ୟ ବିଭାଗରୁ ଗୋଟିଏ ଓ ପଦ୍ୟ ବିଭାଗରୁ ଗୋଟିଏର ସରଳାର୍ଥ ଲେଖ ।

୫ × ୨ = ୧୦

(କ) ଯେଉଁ ଦେଶରେ ଖାଦ୍ୟ ନାହିଁ, ସେଠି ଶିକ୍ଷା, ସଭ୍ୟତା, ଶାନ୍ତି କିଛି ଉଧେଇ ପାରିବ ନାହିଁ ।

କିମ୍ବା

"ଅସୁବିଧା ନ ଥିଲେ ସୁବିଧାର ସୁଆଦ ଚାଖି ହୁଅନ୍ତା ନାହିଁ ।"

(ଖ) ଜୀବନ ପଥେ ସକଳ ତା'ର

ଫିଟାଏ ନୂଆ ରାହାଟି ।



https://ssvmkalamachhuin.in/

କିମ୍ବା

ଦଳିତ ଜାତିର ଲଲାଟେ ଲେଖିଲା,

ମୁକ୍ତି ସମରେ, ଆଦ୍ୟ ବିଜୟ ଗାର ।

୫. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ୩ଟିର) ୨ × ୩ = ୬

(କ) ଗାଡ଼ିଚାଳନା ବେଳେ ଚାଳକ କ'ଣ ବ୍ୟବହାର ନ କରିବା ଉଚିତ ?

(ଖ) ପ୍ରଧାନ କିଏ ? ସେ କିପରି ଲୋକ ଥିଲେ ?

(ଗ) ଓରିଲି ବିମାନ ଦୁର୍ଘଟଣା ବିଷୟରେ ଜାଣିବା ପାଇଁ ଆଗ୍ରହୀ ହେଲେ କାହିଁକି ?

(ଘ) ରାଜାଙ୍କ ସ୍ୱଭାବ କିପରି ଥିଲା ?

୬. ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ ।୨ × ୨ = ୪

(କ) ତଟିନୀର ଦୁଃଖର କାରଣ କ'ଣ ଥିଲା ?

(ଖ) ସଂସାରରେ ଗୀତର ଆବଶ୍ୟକତା କ'ଣ ?

(ଗ) ନାଉରିଟୋକା ବିଦେଶୀଙ୍କ କଥା ଶୁଣି କ'ଣ କଲା ?

୭. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । ୧୨

(କ) ଉତ୍କଳର ପର୍ବପର୍ବାଣି

(ଖ) ବ୍ୟାୟାମର ଉପକାରିତା

(ଗ) ଶୀତକାଳୀନ ପଲ୍ଲୀର ଦୃଶ୍ୟ

(ଘ) ଦୋଳଯାତ୍ରା

୮. ତୁମ ଅଞ୍ଚଳରେ ହଇଜା ରୋଗର ନିରାକରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ ।

କିମ୍ବା ୮

ସାଧାରଣତନ୍ତ୍ର ଦିବସ କିପରି ପାଳନ କଲ ତାହା ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

୯. ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ଲେଖ । ୧ × ୨ = ୨

(କ) ଜେବ୍ରା କ୍ରସିଙ୍ଗ୍ କ'ଣ ?



https://ssvmkalamachhuin.in/

(ଖ) ସତ୍ୟ କାହା କଥାକୁ ସମର୍ଥନ କରୁଥିଲା ?

(ଗ) ଇଂରେଜମାନେ ଓଡ଼ିଶାକୁ ଆସିବା ବେଳକୁ ଓଡ଼ିଶାରେ କେଉଁମାନେ ରାଜୁତି କରୁଥିଲେ ?

୧୦. ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ଲେଖ । ୧ × ୨ = ୨

(କ) ନଦୀ କୂଳରେ କ'ଣ ସବୁ ଗଢ଼ି ଉଠିଛି ?

(ଖ) ବୁଦ୍ଧିବଳରେ କିଏ ବସୁନ୍ଧରାକୁ ଜିଣିପାରିଛି ?

(ଗ) କବି ଆଳୁଅଠାରୁ କାହାକୁ ଭଲ ବୋଲି କହିଛନ୍ତି ?

୧୧. ନିର୍ଦ୍ଦେଶାନୁସାରେ ଉତ୍ତର ଲେଖ ।

(କ) ବାକ୍ୟଗଠନ କର । (୨ଟିର) ୨

ଶୋଷଣ, ଅବରୋଧ, ନେତୃତ୍ୱ

(ଖ) ଅର୍ଥ ଲେଖ । (୨ଟିର) ୨

ପଲାସି, ମର୍ମାହତ, ଉତ୍ସୁକତା

(ଗ) ଲୋକବାଣୀଟିକୁ ସମ୍ପୂର୍ଣ୍ଣ କର । ୧

ପତର ଗୋଟାଇବା ଲୋକର ________ ।

(ଘ) ଶୁଦ୍ଧ ଶବ୍ଦଟିକୁ ବାଛି ଲେଖ । ୧

ଅତିକ୍ରମୀ, ଅତିକ୍ରମି, ଅତୀକ୍ରମି

(ଙ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । ୨

ପୁର - ପୂର

ଶର - ସର

(ଚ) ଆମେ ଅନ୍ୟମାନଙ୍କୁ ଭଲ ପାଇବା ଉଚିତ । ୨

ରେଖାଙ୍କିତ ପଦର ପୁରୁଷ ଓ ବଚନ ଲେଖ ।

(ଛ) ପାଦପୂରଣ କର । ୧

ଅମିୟ ଢାଳେ ଲଳିତ ସ୍ୱର

________________ ।

(ଜ) ଯୌଗିକ ବାକ୍ୟରେ ପରିଣତ କର । ୧

ଗୋପାଳ ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକଙ୍କୁ ଦେଖାକଲା ।



https://ssvmkalamachhuin.in/

(ଝ) ମାତୃଶକ୍ତି କି ପ୍ରଚଣ୍ଡ ଶକ୍ତି ! (ଏହା କି ପ୍ରକାର ବାକ୍ୟ ?) ୧

(ଞ) ବଚନ ପରିବର୍ତ୍ତନ କରି ଲେଖ । ୧

ପକ୍ଷୀଟିଏ ଆକାଶରେ ଉଡୁଅଛି ।

(ଟ) ଲୋକୋକ୍ତିଟିର ଅର୍ଥ ଲେଖ । ୧

ଆଖି ଖୋଲିଯିବା ।

(ଠ) ପଦ୍ୟରୂପ ଲେଖ । ୧

ଦ୍ରବ୍ୟ, ସୂର୍ଯ୍ୟ

୧୨. ଅନୁଚ୍ଛେଦଟି ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

୨ × ୫ = ୧୦

ସମ୍ରାଟ ମହାମେଘବାହନ ଖାରବେଳ ଖଣ୍ଡଗିରି ଠାରେ ତାଙ୍କର ରାଜଧାନୀ ସ୍ଥାପନ କରିଥିଲେ । ଅତୀତ ଉତ୍କଳର ଗୌରବମୟ କାହାଣୀ ଖଣ୍ଡଗିରିର ପ୍ରସ୍ତର ଗାତ୍ରରେ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ହାତୀଗୁମ୍ଫା, ରାଣୀଗୁମ୍ଫା ଆଦିରେ ଖାରବେଳ ତାଙ୍କ ରାଜ୍ୟ ଶାସନ ପ୍ରଣାଳୀ, ଧାର୍ମିକ ଅନୁଶାସନ ଇତ୍ୟାଦି ଲିପିବଦ୍ଧ କରାଇଥିଲେ । ସେତେବେଳେ ଗ୍ରୀସ୍ ଦେଶର ଜଣେ ସେନାପତିଙ୍କ ଆକ୍ରମଣ ହେତୁ ରାଜାମାନେ ଭୟରେ କାତର ହେଉଥାନ୍ତି । ସେମାନଙ୍କର ଏ ଅବସ୍ଥା ଦେଖି ଖାରବେଳ ନିଜର ସୈନ୍ୟସାମନ୍ତ ଧରି ଆକ୍ରମଣକାରୀର ସମ୍ମୁଖୀନ ହେବାକୁ ଅଗ୍ରସର ହେଲେ । ପରାକ୍ରମୀ କଳିଙ୍ଗ ସୈନ୍ୟଙ୍କର ରଣକୌଶଳ ଶତ୍ରୁର ଦର୍ପକୁ ଚୂର୍ଣ୍ଣ କରିଦେଲା । ସାରା ଭାରତରେ କଳିଙ୍ଗ ଭୂମିର ଜୟଜୟକାର ଶୁଭିଲା ।

ପ୍ରଶ୍ନାବଳୀ

(କ) ଖାରବେଳଙ୍କ ରାଜଧାନୀ କେଉଁଠାରେ ଥିଲା ?

(ଖ) ଏଠାରେ ଆକ୍ରମଣକାରୀ କାହାକୁ କୁହାଯାଇଛି ?

(ଗ) ଖଣ୍ଡଗିରିରେ କେଉଁ କଥା ଲିପିବଦ୍ଧ ହୋଇ ରହିଛି ?

(ଘ) କଳିଙ୍ଗ ସୈନିକଙ୍କର ଜୟଜୟକାର ଶୁଭିଲା କାହିଁକି ?

(ଙ) 'ଦର୍ପ ଚୂର୍ଣ୍ଣ କରିବା'ର ଅର୍ଥ କ'ଣ ?

୧୩. ପ୍ରକଳ୍ପ କାର୍ଯ୍ୟ ୧୦

❖❖❖



https://ssvmkalamachhuin.in/

# SHIKSHA VIKASH SAMITI, ODISHA

## ANNUAL EXAMINATION: 2023-2024

Class - VII | Sub - English **(W)**

Time - 2 hours | Full Marks - 90

1. Answer the questions. (any four) $3 \times 4 = 12$

   a) What was the rooster like?

   b) Who ran after the jackal? Why couldn't they catch the jackal?

   c) What helps the camels keep warm and what helps them cool?

   d) How many types of camels are there? How are they different?

   e) How did the dog help his master? What did the master do then?

   f) Who was ungrateful? Why?

2. Answer the questions. (any four) $2 \times 4 = 8$

   a) Where is the cobweb? How is it?

   b) What is the colour of the cobweb? Who changes it?

   c) How are the spiders like weavers?

   d) Mother has magic in many things. What are they?

   e) What makes the mother's voice magical?

   f) What will go with the child when he'll go away?

3. Choose the correct alternatives. $1 \times 5 = 5$

   a) What did the rooster want its song to be?

   (i) louder (ii) clearer

   (iii) better (iv) all of these

   b) The camels usually live in ________.

   (i) the desert (ii) the forest

   (iii) the house (iv) the mountains



https://ssvmkalamachhuin.in/

c) The peepal tree and the dog supported the ________.

(i) Brahman (ii) tiger

(iii) jackal (iv) dog's master

d) The child gets ________ from her mother's finger-tips.

(i) ability to count numbers

(ii) tasty food

(iii) loving touch

(iv) nice dress

e) Who is busy?

(i) the spider (ii) the sun

(iii) the moon (iv) none of these

4. Write 'True' or 'False'. $1 \times 5 = 5$

a) The rooster sang closing its eyes. ( )

b) The humps are the camel's storage container. ( )

c) The Brahman did not help the tiger. ( )

d) The cobweb is compared with the weaver. ( )

e) Mother is the best magician. ( )

5. Write an 'essay' on any one of the following in 10 sentences. 10

a) The Postman

b) The Cow

c) The Policeman

6. Write an application to your Pradhan Acharya to grant you a week's leave for your sister's marriage.

Or 6

Write a letter to your father about your preparation for the Annual Examination.



https://ssvmkalamachhuin.in/

7. Match 'A' with 'B'. 1 × 5 = 5

| 'A' | 'B' |
|---|---|
| rooster | small groups |
| camels | red crown |
| peepal tree | bright |
| magic | shade and shelter |
| rainbow | power |

8. Re-arrange the words to make meaningful sentences.

1 × 5 = 5

a) flew / rooster / tree / the / a / up to / .

b) animals / the / are / camels / wild / ?

c) branches / teardown / my / people / cattle / feed / to / their / .

d) let / be / you / myself / you / me / with /.

e) day / the / night / weave / spiders / and /.

9. Do as directed. 1 × 10 = 10

a) They will play with us. You will invite them.
(Join using 'if')

b) Please keep the book. Your examinaton is over.
(Join using 'until')

c) We use dresses. They are made in India.
(Join without any joining word)

d) kind (write the opposite word using 'un/dis')

e) Write the feminine gender of 'dog'.

f) We should be kind _____ animals. (for / to)
(Fill in the blank with the word in bracket)

g) You weren't there. (Add a queston tag)



https://ssvmkalamachhuin.in/

h) Do you like mangoes? Do you like apples?
(Join using 'or')

i) Manu was carrying the books. He dropped one.
(Join using 'while')

j) _____ you pass me the salt, please.
(Fill in the blank with 'should/would')

10. Translate into English. (any two) $2 \times 2 = 4$

(କ) ମଧୁ ଚଗଲା ଜଣାପଡୁଛି ।

(ଖ) ତୁମେ ଔଷଧ ଖାଇଛ କି ?

(ଗ) ତୁମେ କ'ଣ ମୋତେ ଜାଣନାହିଁ ?

11. Fill in the blanks with the corect form of the verbs given in bracket. $1 \times 5 = 5$

a) English _______ my favourite subject. (be)

b) I had my room _______. (clean)

c) The sun _______ in the east. (rise)

d) My father _______ to Kolkata yesterday. (go)

e) Sita has _______ her homework. (finish)

12. Write the following sentence with lines and without lines.
My father is an engineer. 5

13. Project work. 10

❖❖❖



https://ssvmkalamachhuin.in/

# SHIKSHA VIKASH SAMITI, ODISHA

**ANNUAL EXAMINATION: 2023-2024**

Class - VII | Sub - English **(O)**

Full Marks - 10

1. Communicative English $2 \times 5 = 10$

(Teacher will play the role of a doctor)

Doctor - Good morning little boy / girl.

student -

doctor - What's your problem?

Student -

Doctor - Where do you feel pain?

Student -

Doctor - How long have you been feeling?

student -

Doctor - Have you taken Medicine?

student -

Doctor - Take this medicine.

Student -

Or

Answer the questions. (any five)

I have been studying in this sc[illegible]

a) How long have you been studying in this school?

b) Where do you live? I live in (village / city name)

c) How many players are there in a foot ball team? 11 players each team.

d) Name some domestic animals. cow, buffalo, camel etc.

e) Name the National Bird of India. Peacock.

f) Who is the Vice-president of our country? Jagadip Dhankad

g) When do you come back from school?

❖❖❖

I come back from school at 4 p.m.

# शिक्षाविकाशसमितिः, ओड़िशा

## वार्षिकपरीक्षाः २०२३-२४

कक्षा - सप्तमी | विषयः - संस्कृतम् (लिखितम्)

समयः - एका घटिका | पूर्णांकाः - ५०

१. संस्कृतेन एकेन पदेन उत्तरं लिखत। १ × ६ = ६

(क) विवेकानन्दस्य पादरक्षा कीदृशी आसीत्?

(ख) अरविन्दः कदा जन्मलाभं कृतवान्?

(ग) किं नाम कारकम्?

(घ) किं नाम कारकविभक्तिः?

(ङ) अरविन्दस्य पितुः नाम किम्?

(च) किं शृत्वा आङ्गलमहिला निरुत्तरा अभवत्?

२. मातृभाषया अनुवादं कुरुत। (त्रयाणाम्) २ × ३ = ६

(क) सः अखण्डभारतस्य उपासकः आसीत्।

(ख) अस्माभिः सर्वदा भारतीयवस्त्राणि परिधेयानि।

(ग) यूयं संस्कृतं पठथ।

(घ) बालकाः आपणं गच्छन्ति।

३. संस्कृतभाषया अनुवादं कुरुत। (त्रयाणाम्) २ × ३ = ६

(କ) ପ୍ରତୀକ୍ଷା ମୀରାକୁ କହୁଛି ।

(ଖ) ଅଂଶୁମାନ୍ ପଢ଼ିବାକୁ ଯାଉଛି ।

(ଗ) ତାଙ୍କର ବେଶ ଗୈରିକ ହିଁ ଥିଲା ।

४. शून्यस्थानानि पूरयत । १ × ३ = ३

(क) एका आङ्गलमहिला ताम् ______ ।

(ख) कलिकतायां महान् क्रान्तिकारी ______ जन्मलाभं कृतवान्।

(ग) ______ रूपेण ज्ञानं वितरति।



https://ssvmkalamachhuin.in/

५. पादपुरणं कुरुत। (त्रयाणाम्) १ × ३ = ३

(क) ________ मृगेन्द्रता।

(ख) ________ न संस्कार:।

(ग) ________ क्रियते मृगै:।

६. रेखांकित पदानां भ्रमसंशोधनं कुरुत। १ × ३ = ३

(क) विवेकानन्दस्य वेश: हरित: आसीत्।

(ख) अहं पठति।

(ग) अरविन्दस्य मातु: नाम स्वर्णमयी देवी।

(घ) कारकं त्रिविधम्।

७. सन्धिविच्छेदं कुरुत। (चतुर्णाम्) १ × ४ = ४

परन्तु, निरुत्तरा, नैच्छत्, पुनश्च, स्वानुजम्

८. संस्कृतेन वाक्यानि रचयत। (पञ्चानाम्) १ × ५ = ५

इति, पठित्वा, स:, प्राप्तवान्, खादन्ति, आसीत्

९. शुद्धशब्दं लिखत। (त्रयाणाम्) १ × ३ = ३

अतिव, उतरम्, अस्थि, शिखित:

१०. मातृभाषया शब्दार्थ: लिखत। (त्रयाणाम्) १ × ३ = ३

सम्प्रति, एव, यावत्, तस्य, गतवान्

११. 'क' स्तम्भेन सह 'ख' स्तम्भस्य मेलनं करोतु। १ × ३ = ३

| **'क' स्तम्भ:** | **'ख' स्तम्भ:** |
|---|---|
| भवानी मन्दिरम् | योगी अरविन्द: |
| क्रान्तिकारी अरविन्द: | उपन्यास: |
| आनन्दमठ: | पुस्तकम् |

१२. प्रकल्पकार्यम्। ५

❖❖❖



https://ssvmkalamachhuin.in/

# शिक्षाविकाशसमितिः, ओड़िशा
## वार्षिकपरीक्षा: २०२३-२४

कक्षा - सप्तमी | विषयः - संस्कृतम् (लिखितम्)

समयः - एका घटिका | पूर्णांकाः - ५०

१. संस्कृतेन एकेन पदेन उत्तरं लिखत। १ × ६ = ६

(क) विवेकानन्दस्य पादरक्षा कीदृशी आसीत्?

(ख) अरविन्दः कदा जन्मलाभं कृतवान्?

(ग) किं नाम कारकम्?

(घ) किं नाम कारकविभक्तिः?

(ङ) अरविन्दस्य पितुः नाम किम्?

(च) किं शृत्वा आङ्गलमहिला निरुत्तरा अभवत्?

२. मातृभाषया अनुवादं कुरुत। (त्रयाणाम्) २ × ३ = ६

(क) सः अखण्डभारतस्य उपासकः आसीत्।

(ख) अस्माभिः सर्वदा भारतीयवस्त्राणि परिधेयानि।

(ग) यूयं संस्कृतं पठथ।

(घ) बालकाः आपणं गच्छन्ति।

३. संस्कृतभाषया अनुवादं कुरुत। (त्रयाणाम्) २ × ३ = ६

(କ) ପ୍ରତୀକ୍ଷା ମୀରାକୁ କହୁଛି ।

(ଖ) ଅଂଶୁମାନ୍ ପଢ଼ିବାକୁ ଯାଉଛି ।

(ଗ) ତାଙ୍କର ବେଶ ଗୈରିକ ହିଁ ଥିଲା ।

४. शून्यस्थानानि पूरयत । १ × ३ = ३

(क) एका आङ्गलमहिला ताम् _______ ।

(ख) कलिकतायां महान् क्रान्तिकारी _______ जन्मलाभं कृतवान्।

(ग) _______ रूपेण ज्ञानं वितरति।



https://ssvmkalamachhuin.in/

५. पादपुरणं कुरुत। (त्रयाणाम्) १ × ३ = ३

(क) ________ मृगेन्द्रता।

(ख) ________ न संस्कारः।

(ग) ________ क्रियते मृगैः।

६. रेखांकित पदानां भ्रमसंशोधनं कुरुत। १ × ३ = ३

(क) विवेकानन्दस्य वेशः हरितः आसीत्।

(ख) अहं पठति।

(ग) अरविन्दस्य मातुः नाम स्वर्णमयी देवी।

(घ) कारकं त्रिविधम्।

७. सन्धिविच्छेदं कुरुत। (चतुर्णाम्) १ × ४ = ४

परन्तु, निरुत्तरा, नैच्छत्, पुनश्च, स्वानुजम्

८. संस्कृतेन वाक्यानि रचयत। (पञ्चानाम्) १ × ५ = ५

इति, पठित्वा, सः, प्राप्तवान्, खादन्ति, आसीत्

९. शुद्धशब्दं लिखत। (त्रयाणाम्) १ × ३ = ३

अतिव, उतरम्, अस्थि, शिखितः

१०. मातृभाषया शब्दार्थः लिखत। (त्रयाणाम्) १ × ३ = ३

सम्प्रति, एव, यावत्, तस्य, गतवान्

११. 'क' स्तम्भेन सह 'ख' स्तम्भस्य मेलनं करोतु। १ × ३ = ३

| **'क' स्तम्भः** | **'ख' स्तम्भः** |
|---|---|
| भवानी मन्दिरम् | योगी अरविन्दः |
| क्रान्तिकारी अरविन्दः | उपन्यासः |
| आनन्दमठः | पुस्तकम् |

१२. प्रकल्पकार्यम्। ५

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ସପ୍ତମ** | **ବିଷୟ : ଚିତ୍ରାଙ୍କନ**

**ସମୟ : ୧ ଘଣ୍ଟା** | **ପୂର୍ଣ୍ଣସଂଖ୍ୟା : ୫୦**

୧. ଯେକୌଣସି ଗୋଟିଏ ଚିତ୍ର ଅଙ୍କନ କର । ୨୦

ଏକ ବର୍ଗକ୍ଷେତ୍ର ମଧ୍ୟରେ ଚାରୋଟି ବରପତ୍ର ଅଙ୍କନ କର ।

କିମ୍ବା

ଏକ ସୁରେଇର ଚିତ୍ର ଅଙ୍କନ କରି ତା'ର ଛାୟା ଚିତ୍ର ଅଙ୍କନ କର ।

୨. ଯେକୌଣସି ଗୋଟିଏ ଚିତ୍ର ଅଙ୍କନ କରି ସେଥିରେ ଉପଯୁକ୍ତ ରଙ୍ଗ ଦିଅ । ୨୫

ଏକ ଗ୍ରାମୀଣ ଦୃଶ୍ୟର ଚିତ୍ର ଅଙ୍କନ କରି ସେଥିରେ ରଙ୍ଗ ଦିଅ ।

କିମ୍ବା

ମା' ପୂଜା କରୁଥିବାର ଚିତ୍ର ଅଙ୍କନ କରି ସେଥିରେ ରଙ୍ଗ ଦିଅ ।

୩. ପ୍ରକଳ୍ପ କାର୍ଯ୍ୟ ୫

❖❖❖

https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

ଶ୍ରେଣୀ : ସପ୍ତମ　　　　　　　　　　　　　　　　　ବିଷୟ : ଗଣିତ

ସମୟ : ୨ଘଣ୍ଟା　　　　　　　　　　　　　　　　ପୂର୍ଣ୍ଣସଂଖ୍ୟା : ୧୦୦

1. ଠିକ୍ ଉତ୍ତର ବାଛି ଲେଖ ।　　　　　　　　　　　　$1 \times 3 = 3$

(a) ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ଅଜ୍ଞାତ ରାଶି ବିଶିଷ୍ଟ ଏକଘାତୀ ସମୀକରଣ ନୁହେଁ ?

$\left(2x+3=7,\ 2x+3x+4x=18,\ y+5=x+2,\ 3y-5=10\right)$

(b) ସମଦ୍ୱିବାହୁ ତ୍ରିଭୁଜର ପ୍ରତିସମ ଅକ୍ଷ ସଂଖ୍ୟା କେତେ ?

(1, 2, 3, 4)

(c) ଲିଖିତ ମୂଲ୍ୟ 450 ଟଙ୍କା । ଶତକଡ଼ା ରିହାତି ୮% ହେଲେ ଜିନିଷଟିର ବିକ୍ରିଦାମ୍ କେତେ ?

(36 ଟଙ୍କା, 486 ଟଙ୍କା, 414 ଟଙ୍କା, 400 ଟଙ୍କା)

2. ଠିକ୍ ଉକ୍ତି ପାଖରେ ଠିକ୍ (✓) ଓ ଭୁଲ୍ ଉକ୍ତି ପାଖରେ ଭୁଲ୍ ଚିହ୍ନ (×) ଦିଅ ।　　　　　　　　$1 \times 3 = 3$

(a) 'ଶିକ୍ଷକ'କୁ କୁଟାଙ୍କରେ ପରିଣତ କଲେ 501 ହେବ । (　)

(b) ଗୋଟିଏ ସାମାନ୍ତରିକ ଚିତ୍ରର କ୍ଷେତ୍ରଫଳ 12 ବର୍ଗସେ.ମି. ଓ ଭୂମି 20 ସେ.ମି. ହେଲେ ଉଚ୍ଚତା 6 ମିଲି.ମି. ।　(　)

(c) ଗୋଟିଏ ଖେଳଣାକୁ 48 ଟଙ୍କାରେ ବିକିବାରୁ 4% କ୍ଷତି ହେଲା । ତେବେ ଏହାର କିଣାଦାମ୍ 52 ଟଙ୍କା ।　(　)

3. ଅଲଗା ସଂଖ୍ୟାଟିକୁ ବାଛି ଲେଖ ।　　　　　　　　　　$1 \times 4 = 4$

(a) 8, 25, 64, 216 (ଘନସଂଖ୍ୟା ଦୃଷ୍ଟିରୁ)

(b) H, ବୃତ୍ତ, ଆୟତଚିତ୍ର, ରମ୍ବସ (ପ୍ରତିସମ ଅକ୍ଷ ସଂଖ୍ୟା ଦୃଷ୍ଟିରୁ)

(c) M, ମ, J, A (ଦର୍ପଣରେ ସ୍ପଷ୍ଟ ପ୍ରତିବିମ୍ବ ଦୃଷ୍ଟିରୁ)

(d) 256,196, 484, 576 (ବର୍ଗମୂଳର ଏକକ ଅଙ୍କ ସମାନ ଦୃଷ୍ଟିରୁ)



https://ssvmkalamachhuin.in/

4. ସ୍ତମ୍ଭ ମିଳନ କର ।  $1 \times 4 = 4$

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| $\sqrt[3]{19683}$ | ପ୍ରତିଲୋମୀ ଚଳନ |
| ବସ୍ତୁ | 27 |
| ବେଗ ଓ ସମୟ ମଧ୍ୟସ୍ଥ ସମ୍ପର୍କ | ସର୍ବସମତା |
| ସ-କ-ବା | 8 |

5. ଶୂନ୍ୟସ୍ଥାନ ପୂରଣ କର ।  $1 \times 4 = 4$

(a) 350 ରୁ 30% ବେଶି ସଂଖ୍ୟାଟି _______ ।

(b) $F_1$ ଓ $F_2$ ଦୁଇଟି ସର୍ବସମ ଚିତ୍ର ହେଲେ $F_1$ _______ $F_2$ । (ସର୍ବସମତାର ଚିହ୍ନ ଲଗାଅ)

(c) ଗୋଟିଏ ପୋକ 15 ସେକେଣ୍ଡରେ 1 ମିଟର 20 ସେ.ମି. ବାଟ ଗଲେ ତା'ର ସେକେଣ୍ଡ ପ୍ରତି ବେଗ _______ ସେ.ମି. ।

(d) ଲୁଡୁ ଗୋଟି ଗଡ଼ାଇଲେ 5 ପଡ଼ିବାର ସମ୍ଭାବ୍ୟତା _______ ।

6. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ ।  $2 \times 4 = 8$

(a) 110592 ର ଘନମୂଳର ପରବର୍ତ୍ତୀ ସଂଖ୍ୟା ଲେଖ ।

(b) $\frac{4x}{3} = 20$ ରେ $x$ ର ମୂଲ୍ୟ ଯେତେ, ତା'ର ପୂର୍ବସଂଖ୍ୟା କିଏ ?

(c) 'ଭୋଗ' କୁ କୁଟାଙ୍କରେ ପରିଣତ କଲେ ଯେତେ ହେବ ତାହା କେଉଁ ଦୁଇଟି ସଂଖ୍ୟାର ମଧ୍ୟବର୍ତ୍ତୀ ସଂଖ୍ୟା ?

(d) 50 ର 50% ଯେତେ ତା'ର ପରବର୍ତ୍ତୀ ସଂଖ୍ୟା କିଏ ?

7. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ଥିଲେ ସଂଶୋଧନ କର । $2 \times 4 = 8$

(a) ଏକ ନିର୍ଦ୍ଦିଷ୍ଟ ପରିମାଣର ପିଇବା ପାଣିକୁ ସମାନ ଆକାର ବିଶିଷ୍ଟ ବୋତଲରେ ଭର୍ତ୍ତିକରି ରଖିବା ବେଳେ ପ୍ରତ୍ୟେକ ବୋତଲର ଆକାର ଓ ବୋତଲ ସଂଖ୍ୟା ମଧ୍ୟରେ ସମ୍ପର୍କ ସଳଖ ଚଳନ ।

(b) ଗୋଟିଏ ଘର ତିଆରି କରିବାକୁ 20 ଜଣ ଲୋକ 13 ଦିନ ନିଅନ୍ତି । ତେବେ 26 ଜଣ ଲୋକ ତାକୁ 40 ଦିନରେ ତିଆରି କରିପାରିବେ ।

(c) 700ଟଙ୍କାର 7% ହାରରେ 7 ବର୍ଷର ସରଳ ସୁଧ 49 ଟଙ୍କା ।

(d) ଗୋଟିଏ ସଂଖ୍ୟାର 4 ଗୁଣରୁ 3 କମ୍ ସଂଖ୍ୟାଟି 17 ଏହି ଉକ୍ତିକୁ x ବ୍ୟବହାର କରି ଲେଖିଲେ $4x - 3 = 17$ ହେବ ।



https://ssvmkalamachhuin.in/

8. ବୈଦିକ ଗଣିତ ବିଧିରେ ସମାଧାନ କର । $2\times 4=8$

(a) ଦ୍ୱନ୍ଦ୍ୱଯୋଗ ବିଧିରେ 273539 ର ବର୍ଗମୂଳ ଓ ବର୍ଗଶେଷ ନିର୍ଣ୍ଣୟ କର ।

(b) ଆନୁରୂପ୍ୟେଣ ବିଧିରେ 42 ର ଘନ ନିର୍ଣ୍ଣୟ କର ।

(c) $\left(2x^2+5x+3\right)\times\left(3x^2-4x-2\right)$ ଊର୍ଦ୍ଧ୍ୱତିର୍ଯ୍ୟକ୍ ବିଧିରେ ଗୁଣନ କର ।

(d) 104 ର ଘନ ନିଖିଳଂ ବିଧିରେ ନିର୍ଣ୍ଣୟ କର ।

9. ଏକପଦରେ ପ୍ରକାଶ କର । $2\times 4=8$

(a) ପ୍ରତିସମ ଚିତ୍ରକୁ ଯେଉଁ ରେଖାରୁ ଭାଙ୍ଗିଦେଲେ ଉଭୟ ପଟ ମିଶିଯାଏ:-

(b) କୋଣ-ବାହୁ-କୋଣ ସର୍ବସମତାର ସଂକ୍ଷିପ୍ତ ନାମ :-

(c) ମୂଳଧନ ଓ ସୁଧର ସମଷ୍ଟି :-

(d) ସଳଖ ଚଳନର ଧ୍ରୁବକ :-

10. ଯେକୌଣସି 4ଟି ପ୍ରଶ୍ନର ସମାଧାନ କର । $5\times 4=20$

(a) ବିପିନ ବାର୍ଷିକ ପରୀକ୍ଷାରେ 445 ନମ୍ବର ରଖିବାରୁ ତା'ର ପ୍ରଥମ ଶ୍ରେଣୀ ନମ୍ବରରୁ 35 କମ୍ ରହିଲା । ଯଦି ପ୍ରଥମ ଶ୍ରେଣୀରେ ପାସ୍ କରିବା ଲାଗି ଅତିକମ୍‌ରେ 60% ନମ୍ବର ଆବଶ୍ୟକ, ତେବେ ମୋଟ୍ କେତେ ନମ୍ବର ଲାଗି ପରୀକ୍ଷା ହୋଇଥିଲା ?

(b) ଜଣେ ଦୋକାନୀ ୪00 ଟଙ୍କାର ଚାଉଳ କିଣିଲେ । କିଣିଥିବା ଚାଉଳର $\frac{3}{4}$ ଅଂଶକୁ 10% ଲାଭରେ ଓ ଅବଶିଷ୍ଟ ଚାଉଳକୁ 10% କ୍ଷତିରେ ବିକିଲେ । ତେବେ ସମସ୍ତ ଚାଉଳ ବିକ୍ରିରେ ତାଙ୍କର ଶତକଡ଼ା କେତେ ଲାଭ ବା କ୍ଷତି ହେଲା ?

(c) ଯଦୁବାବୁ ୪% ସରଳ ସୁଧ ହାରରେ 3 ବର୍ଷ ପାଇଁ 12000 ଟଙ୍କା ଜମା ରଖିଲେ । 2 ବର୍ଷ ପରେ ସୁଧହାର 10% କୁ ବଢ଼ିଗଲା । ତେବେ ଜମା ରଖିବାର 3 ବର୍ଷ ପରେ ସେ କେତେ ସମୂଳସୁଧ ଫେରି ପାଇବେ ?

(d) ଗୋଟିଏ ପାଣିଟାଙ୍କି 5ଟି ପାଇପ୍ ଦ୍ୱାରା 40 ମିନିଟ୍‌ରେ ପୂର୍ଣ୍ଣ ହୁଏ । କେତୋଟି ପାଇପ୍ ଦ୍ୱାରା ଟାଙ୍କିଟି 50 ମିନିଟ୍‌ରେ ଜଳପୂର୍ଣ୍ଣ ହେବ ? ୪ଟି ପାଇପ୍ ଦ୍ୱାରା ତାହା କେତେ ମିନିଟ୍‌ରେ ଜଳପୂର୍ଣ୍ଣ ହେବ ? (ଚଳନ ଧାରାର ସମାଧାନ କର)

(e) ବିରଞ୍ଚିବାବୁ ଘଣ୍ଟାପ୍ରତି 60 କି.ମି. ବେଗରେ ଘରଠାରୁ କିଛି ଦୂରତାକୁ 30 ମିନିଟ୍ ଅତିକ୍ରମ କରି, ସେହି ସ୍ଥାନରୁ ଘଣ୍ଟା ପ୍ରତି 30 କି.ମି.



https://ssvmkalamachhuin.in/

ବେଗରେ ୩୦ ମିନିଟ୍ ପର୍ଯ୍ୟନ୍ତ ଯାତ୍ରା କରି ନିଜ ଅଫିସରେ ପହଞ୍ଚିଲେ ତାଙ୍କ ଘରଠାରୁ ଅଫିସ୍‌ର ଦୂରତା କେତେ ?

(f) ଜଣେ ଦୋକାନୀ ଗୋଟିଏ ଖେଳଣା ସାଇକେଲର ଲିଖିତ ଦାମ୍ 460 ଟଙ୍କା ରଖିଥିଲେ । ସେ ସେଥିରୁ 25% ରିହାତି ଦେଇ 15% ଲାଭ କଲେ । ସେ ସାଇକେଲଟିକୁ କେତେ ଟଙ୍କାରେ କିଣିଥିଲେ ?

11. ପରୀକ୍ଷାମୂଳକ ପ୍ରମାଣ କର । (୧ଟିର) $5 \times 1 = 5$

(a) 2ଟି ତ୍ରିଭୁଜ ମଧ୍ୟରୁ ଗୋଟିକର ଏକ ବାହୁ ଓ ଏହାର ସଂଲଗ୍ନ କୋଣଦ୍ୱୟ ଯଥାକ୍ରମେ ଅନ୍ୟ ତ୍ରିଭୁଜର ଏକ ବାହୁ ଓ ତା'ର ସଂଲଗ୍ନ କୋଣଦ୍ୱୟ ସହିତ ସର୍ବସମ ହେଲେ ତ୍ରିଭୁଜ 2ଟି ସର୍ବସମ ହେବେ ।

(b) 2ଟି ସମକୋଣୀ ତ୍ରିଭୁଜ ମଧ୍ୟରେ ଗୋଟିଏ ତ୍ରିଭୁଜର କର୍ଣ୍ଣ ଓ ଅନ୍ୟ ଏକ ବାହୁ ସହ ଅନ୍ୟ ତ୍ରିଭୁଜର କର୍ଣ୍ଣ ଓ ଅନୁରୂପ ବାହୁ ସର୍ବସମ ହେଲେ ତ୍ରିଭୁଜ 2ଟି ସର୍ବସମ ହେବେ ।

12. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । $5 \times 1 = 5$

(a) $3y - 7 = y + 9$ (ସମାଧାନ କର)

(b) $\frac{7x}{5} = 14$ (ସମାଧାନ କର)

13. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । $5 \times 1 = 5$

(a) 50 ସେ.ମି. ଉଚ୍ଚତା ବିଶିଷ୍ଟ 2ଟି ତ୍ରିଭୁଜର କ୍ଷେତ୍ରଫଳର ସମଷ୍ଟି 1 ବର୍ଗମିଟର । ଗୋଟିଏ ତ୍ରିଭୁଜର ଭୂମି 2ମି. 20 ସେ.ମି. ହେଲେ ଅନ୍ୟ ତ୍ରିଭୁଜର ଭୂମି କେତେ ?

(b) 40 ମିଟର ଦୀର୍ଘ ଓ 30 ମିଟର ଓସାର ବିଶିଷ୍ଟ ଏକ ଆୟତାକାର ଜମିର ଭିତର ପଟେ 2.5 ମିଟର ଚଉଡ଼ାରେ ଚାରିଧାରକୁ ଲାଗି ମାଟି ବିଛାଇଲେ ବର୍ଗ ମିଟର ପ୍ରତି 12 ଟଙ୍କା ହିସାବରେ କେତେ ଟଙ୍କା ଖର୍ଚ୍ଚ ହେବ ?

14. ସ୍କେଲ ଓ କମ୍ପାସ ସାହାଯ୍ୟରେ ଯେକୌଣସି ଗୋଟିଏର ଅଙ୍କନ କର । $5 \times 1 = 5$

(a) ତ୍ରିଭୁଜ KLM ଅଙ୍କନ କର, ଯାହାର LM = 6.8 ସେ.ମି. $m\angle L = 45^0$ ଓ $m\angle M = 90^0$ । ଏହାର $\overline{KM}$ ବାହୁକୁ ମାପି ଲେଖ ।

(b) ତ୍ରିଭୁଜ ABC ଅଙ୍କନ କର, ଯାହାର AB = BC = 7.2 ସେ.ମି. ଓ $m\angle B = 60^0$ । ଏହାର $\overline{AC}$ ବାହୁକୁ ମାପି ଲେଖ ।

15. ପ୍ରକଳ୍ପ କାର୍ଯ୍ୟ 10



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ସପ୍ତମ** **ବିଷୟ : ବିଜ୍ଞାନ**

**ସମୟ : ୨ ଘଣ୍ଟା** **ପୂର୍ଣ୍ଣସଂଖ୍ୟା : ୧୦୦**

୧. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ୧ × ୫ = ୫

(କ) କେଉଁ ମାଟିର ଜଳଧାରଣ କ୍ଷମତା ମଧ୍ୟମ ଧରଣର ଅଟେ ?

(ଖ) କାହାକୁ ଜୀବ ଶରୀରର ମୌଳିକ ଗାଠନିକ ଓ କ୍ରିୟାତ୍ମକ ଏକକ କୁହାଯାଏ ?

(ଗ) ଅପଘଟନ କାହାକୁ କୁହାଯାଏ ?

(ଘ) କେଉଁ ବୈଜ୍ଞାନିକ ପ୍ରଥମେ ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ ପ୍ରମାଣ କରିଥିଲେ ?

(ଙ) ପୁଂ ଯୁଗ୍ମକ ଓ ଡିମ୍ବକୋଷର ମିଳନକୁ କ'ଣ କହନ୍ତି ?

୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର । ୧ × ୫ = ୫

(ସବୁଜ, ସମତଳ ଦର୍ପଣ, ୨୬୦, ଉତ୍ତଳଦର୍ପଣ, ଖୋର୍ଦ୍ଧା, ଜଙ୍ଗଲ)

(କ) ୧୯୯୯ ମସିହା ମହାବାତ୍ୟାର ପବନର ବେଗ ________ କିଲୋମିଟର ଥିଲା ।

(ଖ) ଓଡ଼ିଶାର ________ ଅଞ୍ଚଳରେ ମାଙ୍କଡ଼ା ମାଟି ଦେଖାଯାଏ ।

(ଗ) ଜୀବଜଗତ ପାଇଁ ଅମ୍ଳଜାନ ଯୋଗାଉଥିବା ପ୍ରାକୃତିକ କାରଖାନା ହେଉଛି ________ ।

(ଘ) ଯେଉଁ ପ୍ରତିଫଳକର ସମ୍ମୁଖ ପୃଷ୍ଠ ବକ୍ରତଳ ଉପରକୁ ଉଠିଥାଏ ତାହାକୁ ________ କୁହାଯାଏ ।

(ଙ) ସହଜରେ ମାଟିରେ ମିଶିଯାଉଥିବା ପଦାର୍ଥ ପାଇଁ ________ ରଙ୍ଗର ଡଷ୍ଟବିନ୍ ବ୍ୟବହୃତ ହୁଏ ।



https://ssvmkalamachhuin.in/

୩. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦ ବାଛି ଲେଖ । ୧ × ୫ = ୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଗିର୍ ଜଙ୍ଗଲ | ଅବତଳ ଦର୍ପଣ |
| ପଲିଥିନ୍ | ଚମରୀଗାଈ |
| ନୀଳଗ୍ରହ | ଶ୍ୱାସରନ୍ଧ୍ର |
| ବାସ୍ତବ ପ୍ରତିବିମ୍ବ | ଜୈବିକ ପଦାର୍ଥ |
| କୀଟପତଙ୍ଗ | ସିଂହ |
| | ପୃଥିବୀ |

୪. ବାମ ପାର୍ଶ୍ୱର ସଂପର୍କକୁ ଦେଖି ଡାହାଣ ପାର୍ଶ୍ୱର ସଂପର୍କ ଲେଖ । ୧ × ୫=୫

(କ) ଏକବାସୀ ଉଦ୍ଭିଦ : monoecious :: ଦ୍ୱିବାସୀ ଉଦ୍ଭିଦ : ________ ।

(ଖ) ନାଇଟ୍ରୋଜେନ୍ : ପୋଷକ :: ଭଙ୍ଗା କାଚ : ________ ।

(ଗ) ଗୁଣ୍ଡୁଚିମୂଷା : ୧୯କି.ମି./ଘଣ୍ଟା :: ଚୁଟିଆ ମୂଷା : ________ ।

(ଘ) ଟର୍ଚ୍ଚ ଲାଇଟ୍ : ଅବତଳ ଦର୍ପଣ :: ସାଇକେଲ୍ ବେଲ୍ ପ୍ରତିଫଳକ ପୃଷ୍ଠ : ________ ।

(ଙ) ବିଶ୍ୱ ପରିବେଶ ଦିବସ : ଜୁନ୍ ୫ ତାରିଖ :: ବିଶ୍ୱ ଜଳ ଦିବସ : ________ ।

୫. ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ । ୧ × ୫ = ୫

(କ) ବନ୍ୟ ଜୀବନ ସୁରକ୍ଷା ଆଇନ୍ କେଉଁ ମସିହାରେ ପ୍ରଣୟନ କରାଯାଇଥିଲା ?

(A) ୨୦୦୩ (B) ୨୦୦୫ (C) ୧୯୭୨ (D) ୧୯୯୧

(ଖ) ଅଣୁଜୀବ ଶୃଙ୍ଖଳା ପତ୍ର ସହ ପ୍ରତିକ୍ରିୟା କରି କ'ଣ ସୃଷ୍ଟି କରେ ?

(A) ବାଲି (B) ହ୍ୟୁମସ୍ (C) ଛତୁ (D) କାଠ

(ଗ) ଧଳା ମାଟିରେ କେଉଁ ଉପାଦାନର ପରିମାଣ ଅଧିକ ?

(A) କ୍ୟାଲସିୟମ୍ ଅକ୍ସାଇଡ୍ (B) ଲୌହଲବଣ

(C) ମାଙ୍ଗାନିଜ ଲବଣ (D) ମ୍ୟାଗ୍ନେସିୟମ୍ ଅକ୍ସାଇଡ୍



https://ssvmkalamachhuin.in/

(ଘ) କଠିନ ପରିଶ୍ରମ ସମୟରେ ବ୍ୟକ୍ତିର ନିଃଶ୍ୱାସ ପ୍ରଶ୍ୱାସ ହାର କେତେ ଥରକୁ ବୃଦ୍ଧି ହୁଏ ?

(A) ୨୦ (B) ୧୫ (C) ୧୮ (D) ୨୫

(ଙ) ବିଦ୍ୟୁତ୍ ହିଟର୍‌ରେ କେଉଁ ଧାତୁର ଏକ ତାରକୁଣ୍ଡଳୀ ଥାଏ ?

(A) ଦସ୍ତା (B) ନିକ୍ରୋମ୍ (C) ତମ୍ବା (D) ସୁନା

୬. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ଥିଲେ ସଂଶୋଧନ କର ।

୧ × ୫ = ୫

(କ) ୧ ସମୁଦ୍ରୀ ମାଇଲ୍ = ୧୧.୫୨ ମାଇଲ୍ ।

(ଖ) ଲିଙ୍ଗୀୟ ଜନନର ଏକକ ହେଉଛି ଯୁଗ୍ମଜ ।

(ଗ) ଖରାଦିନେ ରାଜସ୍ଥାନରେ ଉତ୍ତରପୂର୍ବ ମୌସୁମୀ ବାୟୁ ପ୍ରବାହରେ ବର୍ଷା ହୁଏ ।

(ଘ) ଆମ ଦେଶରେ ୧୮ଟି ଜୀବମଣ୍ଡଳ ସଂରକ୍ଷିତ ସଂସ୍ଥା ଅଛି ।

(ଙ) ଆଖୁ ଫସଲ ପାଇଁ କଳାମାଟି ଉପଯୁକ୍ତ ।

୭. ସଂକ୍ଷେପରେ ଉତ୍ତର ଦିଅ । ୨ × ୫ = ୧୦

(କ) ବାସ୍ତବ ପ୍ରତିବିମ୍ବ ଓ ଆଭାସୀ ପ୍ରତିବିମ୍ବ ମଧ୍ୟରେ ଦୁଇଟି ପାର୍ଥକ୍ୟ ଦର୍ଶାଅ ।

(ଖ) ଦ୍ୱିଲିଙ୍ଗୀ ଫୁଲ କାହାକୁ କହନ୍ତି ? ଉଦାହରଣ ସହ ଲେଖ ।

(ଗ) ସମଗତି ଓ ଅସମଗତି କାହାକୁ କହନ୍ତି ?

(ଘ) ବାତ୍ୟା ସଂପର୍କରେ ପୂର୍ବ ସୂଚନା ମିଳି ପାରୁଥିବା ଦୁଇଟି ମୁଖ୍ୟ ମାଧ୍ୟମର ନାମ ଲେଖ ।

(ଙ) କଠିନ ପରିଶ୍ରମ ବେଳେ ମାଂସପେଶୀରେ ବେଳେ ବେଳେ ବ୍ୟଥା ହୁଏ କାହିଁକି ?

୮. ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ । ୪ × ୪ = ୧୬

(କ) ମୃତ୍ତିକା କ୍ଷୟ ଓ ମୃତ୍ତିକା ସଂରକ୍ଷଣ ମଧ୍ୟରେ ଚାରୋଟି ପାର୍ଥକ୍ୟ ଲେଖ ।

(ଖ) ଚାରୋଟି ବିଦ୍ୟୁତ୍ ଅଂଶକର ନାମ ଲେଖି ସଂକେତ ଚିତ୍ର ଦ୍ୱାରା ଦର୍ଶାଅ ।

(ଗ) ଉଦ୍ଭିଦରେ କିପରି ଶ୍ୱସନ ହୁଏ ? ଏକ ସରଳ ପରୀକ୍ଷା ଦ୍ୱାରା ବୁଝାଅ ।



https://ssvmkalamachhuin.in/

(ଘ) ଅବତଳ ଦର୍ପଣର ଚାରୋଟି ବ୍ୟବହାର ଲେଖ ।

(ଙ) ସଂକ୍ଷିପ୍ତ ଟିପ୍ପଣୀ ଲେଖ ।
ପ୍ରାକୃତିକ ଭାରସାମ୍ୟ

(ଚ) ଗୋଟିଏ ଗତିଶୀଳ କାର୍‌ର ଓଡୋମିଟରର ମାପାଙ୍କ ପୂର୍ବାହ୍ନ ୮.୦୦ ରେ ୬୩୨୧୯.୦ କି.ମି. ଓ ପୂର୍ବାହ୍ନ ୮.୩୫ରେ ୬୩୩୦୯.୦କି.ମି. । ଏହି ସମୟ ଅନ୍ତରାଳରେ କାର୍‌ର ବେଗ କି.ମି./ମିନିଟ୍ ଓ କି.ମି./ଘଣ୍ଟାରେ ପ୍ରକାଶ କର ।

୯. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । ୪ × ୪ = ୧୬

(କ) ସମତଳ ଦର୍ପଣରେ ଗଠିତ ପ୍ରତିବିମ୍ବର ଚାରୋଟି ପ୍ରକୃତି ଲେଖ ।

(ଖ) ଆବର୍ଜନା ନିଷ୍କାସନର ଉତ୍ତମ ମାର୍ଗଗୁଡ଼ିକ ଲେଖ ।

(ଗ) ସଂକ୍ଷିପ୍ତ ଟିପ୍ପଣୀ ଲେଖ ।
ମୌସୁମୀ ବାୟୁ

(ଘ) ସପୁଷ୍ପକ ଉଦ୍ଭିଦରେ ସମାୟନ କିପରି ହୁଏ ?

(ଙ) ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ତରଫରୁ କି କି ପଦକ୍ଷେପ ନିଆଯାଇଛି ?

(ଚ) ବିଦ୍ୟୁତ୍ ଚୁମ୍ବକର ଚାରୋଟି ବ୍ୟବହାର ଲେଖ ।

୧୦. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖ । ୬ × ୩ = ୧୮

(କ) ମାଟି କିପରି ସୃଷ୍ଟି ହୁଏ ? ମାଟିର ପରିଚିତ୍ରଣର ସ୍ତର ଦର୍ଶାଇ ମାଟିର ସ୍ତର ବିଷୟରେ ବର୍ଣ୍ଣନା କର ।

(ଖ) ଶ୍ୱସନ ଓ ଶ୍ୱାସକ୍ରିୟା ମଧ୍ୟରେ ୨ ଟି ପାର୍ଥକ୍ୟ ଲେଖି ମଣିଷ ଶ୍ୱାସତନ୍ତ୍ରର ନାମାଙ୍କିତ ଚିତ୍ର ଅଙ୍କନ କର ।

(ଗ) ଅଙ୍ଗୀୟ ଜନନ କାହାକୁ କହନ୍ତି ? ବିଭିନ୍ନ ପ୍ରକାରର ଅଙ୍ଗୀୟ ଜନନ ବିଷୟରେ ଉଦାହରଣ ସହ ଲେଖ ।

(ଘ) ସହରରେ ଦୂଷିତ ଜଳର ଉପଚାର କିପରି ପ୍ଲାଣ୍ଟରେ କରାଯାଏ ବର୍ଣ୍ଣନା କର ।

(ଙ) ଜଙ୍ଗଲକୁ ପ୍ରାକୃତିକ ସମ୍ପଦ କୁହାଯାଏ କାହିଁକି ? ଉଦାହରଣ ସହ ବର୍ଣ୍ଣନା କର ।

୧୧. ପ୍ରକଳ୍ପ କାର୍ଯ୍ୟ । ୧୦

❖❖❖



https://ssvmkalamachhuin.in/

18/3/24

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ସପ୍ତମ** **ବିଷୟ : ଇତିହାସ ଓ ରାଜନୀତି ବିଜ୍ଞାନ**

**ସମୟ : ୧ ଘଣ୍ଟା** **ପୂର୍ଣ୍ଣସଂଖ୍ୟା : ୫୦**

୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଲେଖ । ୫ × ୨ = ୧୦

(କ) ଭକ୍ତି ଓ ସୁଫିଧର୍ମର ପ୍ରଚାରର ଫଳାଫଳ କ'ଣ ଥିଲା ?

କିମ୍ବା

କବୀର କିଏ ? ତାଙ୍କ ଧର୍ମମତଗୁଡ଼ିକ କ'ଣ ଥିଲା ? ତାଙ୍କର ରଚିତ ଭଜନାବଳୀର ନାମ କ'ଣ ?

(ଖ) ପ୍ରତାପରୁଦ୍ରଦେବଙ୍କ ରାଜତ୍ୱର ସାଂସ୍କୃତିକ କୃତିତ୍ୱମାନ ବର୍ଣ୍ଣନା କର ।

କିମ୍ବା

ମଧ୍ୟଯୁଗରେ ଚିତ୍ରକଳାର ବିକାଶ କିପରି ହୋଇଥିଲା ?

୨. ଦୁଇଟି ବାକ୍ୟରେ ଉତ୍ତର ଲେଖ । ୨ × ୫ = ୧୦

1758-1763

(କ) ତୃତୀୟ କର୍ଣ୍ଣାଟ ସମର କେବେ ଓ କାହା କାହା ମଧ୍ୟରେ ହୋଇଥିଲା ?

କିମ୍ବା

ଡଚ୍‌ମାନେ କେବେ ଓ କାହିଁକି ଭାରତକୁ ଆସିଥିଲେ ?

(ଖ) ମଧ୍ୟଯୁଗୀୟକୃତ 'ସଙ୍ଗୀତ ରତ୍ନାକର'ରେ କ'ଣ ବର୍ଣ୍ଣନା କରାଯାଇଛି ?

କିମ୍ବା

ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ କେବେ ଓ କେଉଁଠାରେ ଗଠନ କରାଯାଇଥିଲା ?



https://ssvmkalamachhuin.in/

(ଗ) ଗୁରୁନାନକ କେବେ ଓ କେଉଁଠି ଜନ୍ମଗ୍ରହଣ କରିଥିଲେ ?

କିମ୍ବା

ଆଉରଙ୍ଗଜେବ ହିନ୍ଦୁମାନଙ୍କ ଉପରେ କେଉଁ କେଉଁ କର ବସାଇଥିଲେ ?

(ଘ) ନାଦିରଶାହ ଭାରତ ଆକ୍ରମଣ ବେଳେ ଅଧିକୃତ ଦୁଇଟି ଭାରତୀୟ ରାଜ୍ୟର ନାମ ଲେଖ । ସିନ୍ଧୁ ପ୍ରଦେଶ, ଲାହୋର, କାବୁଲ

କିମ୍ବା

ପାର୍ସୀ ଭାଷାର ଦୁଇଜଣ ଲେଖକଙ୍କ ନାମ ଲେଖ ।

(ଙ) କାହା ରାଜତ୍ୱ କାଳରେ ରାଜସ୍ୱ ବୃଦ୍ଧି ପାଇଥିଲା ଓ କାହିଁକି ?

କିମ୍ବା

ସୂର୍ଯ୍ୟବଂଶର ପ୍ରତିଷ୍ଠାତା କିଏ ? ସେ କେବେ ସିଂହାସନ ଆରୋହଣ କରିଥିଲେ ?

୩. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ୧ × ୫ = ୫

(କ) ଭାରତରେ ବାଣିଜ୍ୟ କାରବାର ପାଇଁ ଭାସ୍କୋଡ଼ାଗାମାଙ୍କୁ କିଏ ଅନୁମତି ଦେଇଥିଲେ ?

(ଖ) ଆକବରଙ୍କ ଅଭିଭାବକଙ୍କର ନାମ କ'ଣ ଥିଲା ?

(ଗ) ବିସନ ଦାସ କିଏ ?

(ଘ) ଅମୀର ଖୁସ୍ରୁଙ୍କ ପ୍ରକୃତ ନାମ କ'ଣ ଥିଲା ?

(ଙ) ପୁରୁଷୋତ୍ତମ ଦେବ କେବେ ମୃତ୍ୟୁବରଣ କରିଥିଲେ ?

୪. ଶୂନ୍ୟସ୍ଥାନ ପୂରଣ କର । ୧ × ୩ = ୩

(କ) ଓଡ଼ିଶାର ଶେଷ ସ୍ୱାଧୀନ ରାଜା ________ ।

(ଖ) କବୀରଙ୍କ ଭଜନଗୁଡ଼ିକ ________ ନାମରେ ପ୍ରସିଦ୍ଧ ।

(ଗ) 'ଇବାଦତଖାନା' ଉପାସନା ଗୃହ ________ ନିର୍ମାଣ କରିଥିଲେ ।



https://ssvmkalamachhuin.in/

୫. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର । ୧ × ୪ = ୪

(କ) ବିରିୟାନୀ ଏବଂ କଟମ୍ୱର ହିନ୍ଦୁମାନଙ୍କର ପ୍ରିୟ ଖାଦ୍ୟ ଥିଲା ।

(ଖ) ଉର୍ଦ୍ଦୁର ଅର୍ଥ ହେଉଛି ସୈନ୍ୟ ।

(ଗ) ପୁରୁଷୋତ୍ତମ ଦେବ ସୂର୍ଯ୍ୟବଂଶର ଶେଷ ସମ୍ରାଟ ।

(ଘ) ଗୋଲକୁଣ୍ଡା ରାଜ୍ୟର ମୁଖ୍ୟ ପୋତାଶ୍ରୟ ସୁତାନଟି ।

୬. କାଳର କ୍ରମ ଅନୁସାରେ ସାଜାଇ ଲେଖ । ୨

ଶାହାଜାହାନ୍, ଆକବର, ଔରଙ୍ଗଜେବ, ଜାହାଙ୍ଗୀର

୭. ସ୍ତମ୍ଭ ମିଳନ କର । ୧ × ୨ = ୨

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଆଦିଗ୍ରନ୍ଥ | ଜଗନ୍ନାଥ ଦାସ |
| ଦାଣ୍ଡି ରାମାୟଣ | ନାନକ |
| | ବଳରାମ ଦାସ |

## ରାଜନୀତି ବିଜ୍ଞାନ

୮. ଦୁଇଟି ବାକ୍ୟରେ ଉତ୍ତର ଦିଅ । ୨ × ୩ = ୬

(କ) ଏକକ ନାଗରିକତା କହିଲେ କ'ଣ ବୁଝ ? ପୃଥିବୀର କେଉଁ ରାଷ୍ଟ୍ରରେ ଏକାଧିକ ନାଗରିକତା ଅଛି ?

କିମ୍ବା

ସମ୍ବିଧାନର ରକ୍ଷକ କାହାକୁ କୁହାଯାଇଛି ? ଏହାର ବିଚାର ବ୍ୟବସ୍ଥା କିପରି ହେବା ଉଚିତ ?

(ଖ) ଭାରତୀୟ ନାଗରିକଙ୍କର କେତେଗୋଟି ମୌଳିକ ଅଧିକାର ରହିଛି ? ଶେଷ ମୌଳିକ ଅଧିକାର କ'ଣ ?

କିମ୍ବା

ମାନବିକ ଅଧିକାର ଦିବସ କେବେ କାର୍ଯ୍ୟକାରୀ ହେଲା ଓ କେବେ ସାର୍ବଜନୀନ ମାନବିକ ଅଧିକାର ଘୋଷଣା କରାଗଲା ?



https://ssvmkalamachhuin.in/

(ଗ) ନାରୀ ସଶକ୍ତୀକରଣ କ'ଣ ? କେବେ ଆନ୍ତର୍ଜାତିକ ନାରୀ ଦିବସ ପାଳନ କରାଯାଏ ?

କିମ୍ବା

ପୂର୍ବେ ସମ୍ବିଧାନର ୩୨୬ ଧାରା ଅନୁସାରେ ଭୋଟଦାତାର ବୟସ କେତେ ଥିଲା ? ପରେ ପରିବର୍ତ୍ତନ କରାଯାଇ କେତେ ବୟସ ରଖାଯାଇଛି ?

୯. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ୧ × ୩ = ୩

(କ) ଉଚ୍ଚ ନ୍ୟାୟାଳୟର ବିଚାରପତି କେତେ ବୟସରେ ଅବସର ନିଅନ୍ତି ?

(ଖ) ଆଧୁନିକ ଭାରତର ମନୁ କିଏ ?

(ଗ) ଭାରତର ପ୍ରଥମ ମହିଳା ଆଇ.ପି.ଏସ୍. ଅଧିକାରୀ କିଏ ?

୧୦. ପ୍ରକଳ୍ପ କାର୍ଯ୍ୟ : ୫

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ସପ୍ତମ** | **ବିଷୟ : ଭୂଗୋଳ**

**ସମୟ : ୧ଘଣ୍ଟା** | **ପୂର୍ଣ୍ଣସଂଖ୍ୟା : ୫୦**

(ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।)

୧. ସଡ଼କପଥ କେତେ ପ୍ରକାରର ଓ କ'ଣ କ'ଣ ? ଏହା ସମ୍ବନ୍ଧରେ ସଂକ୍ଷିପ୍ତରେ ବିବରଣୀ ପ୍ରଦାନ କର ।

କିମ୍ବା 5

ବାୟୁ ପ୍ରଦୂଷଣର କାରଣଗୁଡ଼ିକ ବର୍ଣ୍ଣନା କର ।

୨. ଷ୍ଟେପ୍ ଅଞ୍ଚଳରେ ଅଧିବାସୀମାନଙ୍କର ଜୀବିକା ନିର୍ବାହ ସମ୍ବନ୍ଧରେ ବର୍ଣ୍ଣନା କର ।

କିମ୍ବା 5

ପାଣିପାଗର ଭାବୀ ସୂଚନା କହିଲେ କ'ଣ ? ଏହାକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ? ସେ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କର ।

୩. ପାର୍ଥକ୍ୟ ଦର୍ଶାଅ । $2 \times 3 = 6$

(କ) ହାଇଗ୍ରୋମିଟର ଓ ଆନିମୋମିଟର

କିମ୍ବା

ଜଳପଥ ଓ ଆକାଶପଥ

(ଖ) ଉତ୍ପାଦକ ଓ ଭକ୍ଷକ

କିମ୍ବା

ଅସ୍ଥାୟୀ ଜନବସତି ଓ ସକେନ୍ଦ୍ରିକ ଜନବସତି

(ଗ) ଆଭ୍ୟନ୍ତରୀଣ ଜଳପଥ ଓ ସମୁଦ୍ରପଥ

କିମ୍ବା

ଭୂତଳ ସଡ଼କ ଓ ଫ୍ଲାଇଓଭର



https://ssvmkalamachhuin.in/

୪. ଭୌଗୋଳିକ କାରଣ ଦର୍ଶାଅ । $2 \times 2 = 4$

(କ) ଦୂରଦର୍ଶନ ଏକ ସର୍ବଶ୍ରେଷ୍ଠ ଓ ଶକ୍ତିଶାଳୀ ଗଣମାଧ୍ୟମ ବୋଲି କୁହାଯାଏ ।

କିମ୍ବା

ସଡ଼କ ପରିବହନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

(ଖ) ପାହାଡ଼ିଆ ଅଞ୍ଚଳରେ ବିକ୍ଷିପ୍ତ ଜନବସତି ଦେଖାଯାଏ ।

କିମ୍ବା

ଆମାଜନ୍ ଅବବାହିକାରେ ଘନ ଜନବସତି ଦେଖାଯାଏ ନାହିଁ ।

୫. ସଂକ୍ଷେପରେ ଉତ୍ତର ଦିଅ । $2 \times 1 = 2$

ଗ୍ରାମ ଜନବସତି ନଦୀ ଉପତ୍ୟକା ଅଞ୍ଚଳରେ କାହିଁକି ସ୍ଥାପିତ ହୋଇଥିଲା ?

କିମ୍ବା

ଶକ୍ତି ପ୍ରବାହ କହିଲେ କ'ଣ ବୁଝ ?

୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର । $1 \times 4 = 4$

(କ) ଯେଉଁ ଡିଗ୍ରୀ ତାପମାତ୍ରାରେ ଜଳ ବାଷ୍ପରେ ପରିଣତ ହୁଏ ତାକୁ ________ କୁହାଯାଏ ।

(ସ୍ଫୁଟନାଙ୍କ, ହିମାଙ୍କ, ବାଷ୍ପୀଭବନ, ଗ୍ୟାସୀୟ)

(ଖ) ଆମ ଦେଶରେ ________ଟି ଭାଷାର ସମ୍ବାଦପତ୍ର ପ୍ରକାଶିତ ହୁଏ ।

(୭୫, ୯୨, ୪୮, ୬୯)

(ଗ) ହାଇଗ୍ରୋମିଟର ଯନ୍ତ୍ର ବାୟୁର ________ ମାପିବାରେ ସାହାଯ୍ୟ କରେ ।

(ଦିଗ, ବେଗ, ଆର୍ଦ୍ରତା, ଶୁଷ୍କତା)

(ଘ) ଟେଲିଗ୍ରାଫ୍ ସେବା ________ ମସିହାରେ ପ୍ରଥମେ ଆରମ୍ଭ ହୋଇଥିଲା ।

(୧୮୫୧, ୧୮୮୧, ୧୯୪୭, ୧୮୮୨)



https://ssvmkalamachhuin.in/

୭. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ଉପଯୁକ୍ତ ଶବ୍ଦ ମିଳାଅ । 1 × 3 = 3

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଆର୍ଜେଣ୍ଟିନା | ଡାଉନସ୍ |
| ଉତ୍ତର ଆମେରିକା | ପମ୍ପାସ |
| ଦକ୍ଷିଣ ଆଫ୍ରିକା | ପେରୀ |
| | ଭେଲ୍ଡ୍ |

୮. ଅସମ୍ପର୍କିତ ଶବ୍ଦ ବାଛ । 1 × 4 = 4

(କ) ଆକାଶବାଣୀ, ଦୂରଦର୍ଶନ, ବିମାନବନ୍ଦର, ଇଣ୍ଟରନେଟ

(ଖ) ସୁନ୍ଦରୀ, ଶିଶୁ, ହେନ୍ତାଳ, ଝାଉଁ

(ଗ) ସାଇକେଲ, ବସ, ଉଡ଼ାଜାହାଜ, ସ୍କୁଟର

(ଘ) କଳାମାଟି, ମାଙ୍କଡ଼ାମାଟି, ପଟୁମାଟି, ଲାଲମାଟି

୯. ଗୋଟିଏ ଶବ୍ଦରେ ଉତ୍ତର ଲେଖ । 1 × 5 = 5

(କ) ଭେନିଜୁଏଲାରେ କ୍ରାନ୍ତୀୟ ତୃଣଭୂମିକୁ କ'ଣ କୁହାଯାଏ -

(ଖ) ରଙ୍ଗର ଘନତ୍ୱରେ ହ୍ରାସବୃଦ୍ଧି ଦ୍ୱାରା ବିଭିନ୍ନ ଭୂମିରୂପ ପ୍ରଦର୍ଶନ ପଦ୍ଧତିକୁ କ'ଣ କୁହାଯାଏ -

(ଗ) ସମୁଦ୍ରପତ୍ତନରୁ ଉଚ୍ଚରେ ଥିବା ସ୍ଥାନଗୁଡ଼ିକ ମାନଚିତ୍ରରେ ଯୋଗ କରୁଥିବା ରେଖାକୁ କ'ଣ କୁହାଯାଏ -

(ଘ) ପୃଥିବୀର ଦୀର୍ଘତମ ରେଳପଥର ନାମ -

(ଙ) ଯେଉଁ ଯନ୍ତ୍ର ସାହାଯ୍ୟରେ ପବନର ବେଗ ମପାଯାଏ -

୧୦. ପ୍ରଥମ ଯୋଡ଼ି ଦେଖି ଦ୍ୱିତୀୟ ଯୋଡ଼ି ପୂରଣ କର । 1 × 3 = 3

(କ) ବାରୋମିଟର : ବାୟୁର ଚାପ :: ଉଇଣ୍ଡ ଭେନ୍ : ________

(ଖ) ବାଷ୍ପ : ସ୍ଫୁଟନାଙ୍କ :: ବରଫ : ________

(ଗ) 'U' ଉପତ୍ୟକା : ହିମବାହ :: 'V' ଉପତ୍ୟକା : ________



https://ssvmkalamachhuin.in/

୧୧. ପ୍ରଦତ୍ତ ଭାରତର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ମୁଖ୍ୟ ବନ୍ଦରଗୁଡ଼ିକ ଦର୍ଶାଅ । $1 \times 4 = 4$

(କ) ପାରାଦ୍ୱୀପ

(ଖ) ବିଶାଖାପଟନମ୍

(ଗ) କୋଲକାତା

(ଘ) କୋଚିନ୍



୧୨. ପ୍ରକଳ୍ପ କାର୍ଯ୍ୟ । 5

❖❖❖



https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ବାର୍ଷିକ ପରୀକ୍ଷା : ୨୦୨୩-୨୦୨୪

**ଶ୍ରେଣୀ : ସପ୍ତମ** **ବିଷୟ : ସାଧାରଣଜ୍ଞାନ**

**ସମୟ : ୧ଘଣ୍ଟା** **ପୂର୍ଣ୍ଣସଂଖ୍ୟା : ୫୦**

**ପ୍ରତ୍ୟେକ ପ୍ରଶ୍ନ ନିମନ୍ତେ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରକୁ ବାଛି ଶିଶୁ ଭାଇଭଉଣୀମାନେ OMR Answer Sheet ରେ ଦିଆଯାଇଥିବା ଗୋଲକୁ କଳା କିମ୍ବା ନୀଳ ରଙ୍ଗର ବଲ୍‌ପେନ୍‌ରେ କଳା/ନୀଳ କରିବେ ।**

**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ ।** ୧ × ୫୦ = ୫୦

୧. ଆମ ସମ୍ବିଧାନରେ କେତୋଟି ଧାରା ଓ କେତୋଟି ଅନୁଚ୍ଛେଦ ରହିଛି ?
(A) ୩୯୫ ଧାରା ଓ ୧୨ଟି ଅନୁଚ୍ଛେଦ (B) ୪୫୩ ଧାରା ଓ ୨ଟି ଅନୁଚ୍ଛେଦ
(C) ୩୬୫ ଧାରା ଓ ୧୬ ଅନୁଚ୍ଛେଦ (D) ୫୫୨ ଧାରା ଓ ୩୦ଟି ଅନୁଚ୍ଛେଦ

୨. କେତୋଟି ମୌଳିକ କର୍ତ୍ତବ୍ୟକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ କରାଯାଇଛି ?
(A) ୧୨ (B) ୧୦ (C) ୧୪ (D) ୧୩

୩. ସମ୍ବିଧାନ ପ୍ରଣୟନ ସଭାରେ କେତେ ଜଣ ମହିଳା ଥିଲେ ?
(A) ୧୫ (B) ୧୦ (C) ୦୨ (D) ୨୦

୪. ପୃଥିବୀର କେଉଁ ଦେଶରେ ସବୁଠାରୁ କମ୍ ମୃତ୍ୟୁହାର ଦେଖାଯାଏ ?
(A) ଭାରତ (B) ଜାପାନ (C) ଅଷ୍ଟ୍ରେଲିଆ (D) ନେପାଳ

୫. ଅମର୍ତ୍ତ୍ୟ ସେନ କେଉଁ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ?
(A) ୧୯୯୬ (B) ୧୯୪୦ (C) ୧୯୯୮ (D) ୧୯୯୭

୬. ଆମ ରାଜ୍ୟର କେଉଁଠାରେ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଅଛି ?
(A) ଚାନ୍ଦିପୁର (B) ସମ୍ବଲପୁର (C) ସୋନପୁର (D) ଯାଜପୁର

୭. ଆମ ଦେଶରେ ଆକାଶ ବାହିନୀର କେତୋଟି ତାଲିମକେନ୍ଦ୍ର ଅଛି ?
(A) ୬ଟି (B) ୮ଟି (C) ୯ଟି (D) ୧୦ଟି

୮. ଆମ ଦେଶର ମୁଖ୍ୟ ସାମରିକ ସେନାପତି କିଏ ?
(A) ରାଜ୍ୟପାଳ (B) ରାଷ୍ଟ୍ରପତି (C) ବିଚାରପତି (D) ପ୍ରତିରକ୍ଷାମନ୍ତ୍ରୀ

୯. ଆମ ଭାରତରୁ ମୋଟ କେତେ ଜଣ ବିଭୂତି ନୋବେଲ ପୁରସ୍କାର ପାଇଛନ୍ତି ?
(A) ୬ ଜଣ (B) ୧୦ଜଣ (C) ୮ ଜଣ (D) ୩ ଜଣ

୧୦. ଭାରତର ସମ୍ବିଧାନ ଗଠନ ପାଇଁ କେବେ ପ୍ରଥମ ବୈଠକ ବସିଥିଲା ?
(A) ୯.୬.୧୯୪୬ (B) ୯.୬.୧୯୪୭ (C) ୯.୬.୧୯୦୪ (D) ୪.୮.୧୯୫୦



https://ssvmkalamachhuin.in/

୧୧. ନାଗରିକ ମୌଳିକ କର୍ତ୍ତବ୍ୟକୁ କେବେ ସମ୍ବିଧାନରେ ଅନ୍ତର୍ଭୁକ୍ତ କରାଗଲା ?

(A) ୪୨ତମ ସମ୍ବିଧାନ ସଂଶୋଧନ ୧୯୭୬ (B) ୪୭ତମ ସମ୍ବିଧାନ ସଂଶୋଧନ ୧୮୮୦

(C) ୫୦ତମ ସମ୍ବିଧାନ ସଂଶୋଧନ ୧୯୪୭ (D) ୫୩ତମ ସମ୍ବିଧାନ ସଂଶୋଧନ ୧୮୮୨

୧୨. ଆମ ଦେଶର ଜଳ ବାହିନୀରେ କେତେ ପ୍ରକାରର ଯୁଦ୍ଧ ଜାହାଜ ଅଛି ?

(A) ୧୪ (B) ୧୩ (C) ୧୦ (D) ୧୨

୧୩. ଅଷ୍ଟ୍ରେଲିଆର ମୁଦ୍ରାର ନାମ କ'ଣ ?

(A) ଟଙ୍କା (B) ଡଲାର (C) ଫ୍ରାଙ୍କ୍ (D) ପାଉଣ୍ଡ

୧୪. ବ୍ରାଜିଲ ଦେଶର ମୁଦ୍ରାର ନାମ କ'ଣ ?

(A) କ୍ୟାଟ (B) ପେସ୍ତା (C) କ୍ରୁଜିଇରୋ (D) ଓମାନି

୧୫. ଇରାକ ମୁଦ୍ରାର ନାମ କ'ଣ ?

(A) ଟାକା (B) ୟୁରୋ (C) ଫିଜି ଡଲାର (D) ଦିନାର

୧୬. ଇସ୍ରାଏଲ ମୁଦ୍ରାର ନାମ କ'ଣ ?

(A) ପାଉଣ୍ଡ (B) ପେସ୍ତା (C) ଦିନାର (D) କ୍ରୁଜିଇରୋ

୧୭. ସ୍ପେନ୍‌ର ମୁଦ୍ରାର ନାମ କ'ଣ ?

(A) ୟେନ୍ (B) ରୁପିୟା (C) ତୁଗରିକ (D) ପେସ୍ତା

୧୮. ବେଲ୍‌ଜିୟମ ମୁଦ୍ରାର ନାମ କ'ଣ ?

(A) ରୁପେ (B) ନୋଟ୍ (C) ଡଲାର (D) ଫ୍ରାଙ୍କ୍

୧୯. ଆମେରିକାର ଜାତୀୟ ଖେଳର ନାମ କ'ଣ ?

(A) ହକି (B) କ୍ରିକେଟ୍ (C) ସନ୍ତରଣ (D) ବେସ୍‌ବଲ

୨୦. ଜାପାନ୍ ଦେଶର ଜାତୀୟ ଖେଳର ନାମ କ'ଣ ?

(A) ଜୁଡ଼ୋ (B) ଭଲିବଲ୍ (C) କବାଡି (D) ଚେସ୍

୨୧. ଭୁଟାନ୍ ଦେଶର ଜାତୀୟ ଖେଳର ନାମ କ'ଣ ?

(A) କୁସ୍ତି (B) ଆରଚେରି (C) ଫୁଟ୍‌ବଲ (D) ବାସ୍କେଟ୍ ବଲ

୨୨. କାନାଡ଼ା ଦେଶର ଜାତୀୟ ଖେଳର ନାମ କ'ଣ ?

(A) ଆଇସ୍ ହକି (B) ଷଣ୍ଢ ଲଢ଼େଇ (C) କ୍ରିକେଟ୍ (D) ବ୍ୟାଡମିଣ୍ଟନ

୨୩. ମଙ୍ଗୋଲିଆର ଜାତୀୟ କ୍ରୀଡ଼ାର ନାମ କ'ଣ ?

(A) ବେସ୍ ବଲ (B) ମୁଷ୍ଟିଯୁଦ୍ଧ (C) ଫୁଟ୍‌ବଲ (D) କବାଡ଼ି

୨୪. ସ୍ପେନ୍‌ର ଜାତୀୟ କ୍ରୀଡ଼ାର ନାମ କ'ଣ ?

(A) ସନ୍ତରଣ (B) ଷଣ୍ଢ ଲଢ଼େଇ (C) ଭଲିବଲ (D) ମୁଷ୍ଟିଯୁଦ୍ଧ

୨୫. "ଅଙ୍ଗ୍ରେଜୋଁ ଭାରତ ଛୋଡ଼ୋ" । ଇଂରେଜମାନେ ଭାରତ ଛାଡ । ଏହା କାହାର ଉକ୍ତି ଥିଲା ?

(A) ଗୁରୁ ଗୋବିନ୍ଦ ସିଂହ (B) ମହାତ୍ମା ଗାନ୍ଧୀ (C) ସ୍ୱାମୀ ବିବେକାନନ୍ଦ (D) ଶ୍ରୀଅରବିନ୍ଦ



https://ssvmkalamachhuin.in/

୨୬. ମହାଭାରତ ଗ୍ରନ୍ଥରେ କେତୋଟି ପର୍ବ ଅଛି ?

(A) ୧୨ (B) ୧୮ (C) ୧୪ (D) ୧୬

୨୭. ସତ୍ୟନିଷ୍ଠ ଭୀଷ୍ମ ପିତାମହଙ୍କ ପିଲାଦିନର ନାମ କ'ଣ ଥିଲା ?

(A) ଭୀମ (B) ଶ୍ରୀକୃଷ୍ଣ (C) ଦେବବ୍ରତ (D) ଶାନ୍ତନୁ

୨୮. ଚକ୍ରବ୍ୟୂହ ଭେଦ କରିବା ଶିକ୍ଷା କିଏ ମାତାଙ୍କ ଗର୍ଭରୁ ଶିଖିଥିଲେ ?

(A) ବେଲାଲସେନ (B) ନାମଦେବ (C) ଅଭିମନ୍ୟୁ (D) କଚ

୨୯. ସ୍ୱାମୀ ଦୟାନନ୍ଦଙ୍କ ଗୁରୁଙ୍କ ନାମ କ'ଣ ?

(A) ତୁଳସୀ ଦାସ (B) ସ୍ୱାମୀ ବିବେକାନନ୍ଦ (C) ନରହରି ଦାସ (D) ନାମଦେବ

୩୦. "କୁମାର ସମ୍ଭବମ୍" (ସଂସ୍କୃତ) ପୁସ୍ତକର ଲେଖକଙ୍କ ନାମ କ'ଣ ?

(A) ଜୟଶଙ୍କର ପ୍ରସାଦ (B) ମହାକବି କାଳିଦାସ (C) ଉମାଶଙ୍କର ଯୋଶୀ (D) ଅରବିନ୍ଦ ଘୋଷ

୩୧. ଭାରତର ଲୌହମାନବ ପୁରୁଷ କାହାକୁ କୁହାଯାଏ ?

(A) ଦୟାନନ୍ଦ ସରସ୍ୱତୀ (B) ବିନୋବା ଭାବେ

(C) ସର୍ଦ୍ଦାର ବଲ୍ଲଭଭାଇ ପଟେଲ (D) ଶ୍ରୀଅରବିନ୍ଦ

୩୨. ସିନେମା ଜଗତରେ ଉଲ୍ଲେଖନୀୟ ଉପଲବ୍ଧି ପ୍ରାପ୍ତ କଳାକାରମାନଙ୍କୁ ଦିଆଯାଉଥିବା ପୁରସ୍କାରର ନାମ କ'ଣ ?

(A) ବାରଲୌଗ ପୁରସ୍କାର (B) ଜ୍ଞାନପୀଠ ପୁରସ୍କାର

(C) ଦାଦାସାହେବ ଫାଲ୍‌କେ ପୁରସ୍କାର (D) ନୋବେଲ୍ ପୁରସ୍କାର

୩୩. ଆମ ଭାରତର ରାଷ୍ଟ୍ରୀୟ ଖେଳର ନାମ କ'ଣ ?

(A) ଫୁଟ୍‌ବଲ (B) ହକି (C) କବାଡ଼ି (D) କ୍ରିକେଟ୍

୩୪. "ବୀରଚକ୍ର" ପୁରସ୍କାର କାହାକୁ ଦିଆଯାଇଥାଏ ?

(A) ଶତ୍ରୁମାନଙ୍କୁ ପରାସ୍ତ କରିବାରେ

(B) ଯୁଦ୍ଧ ବ୍ୟତୀତ ଜଳ, ସ୍ଥଳ ଓ ଆକାଶରେ ବୀରତ୍ୱ ପ୍ରଦର୍ଶନରେ

(C) ବୀରତ୍ୱ ତଥା ସାହସିକ କାର୍ଯ୍ୟ ନିମନ୍ତେ

(D) ଯୁଦ୍ଧସ୍ଥଳରେ ଅସାଧାରଣ ବୀରତ୍ୱ ପାଇଁ

୩୫. 'ଲାଇଫ ଡିଭାଇନ' ପୁସ୍ତକର ଲେଖକ କିଏ ?

(A) ମହାକବି କାଳିଦାସ (B) ଉମାଶଙ୍କର ଯୋଶୀ (C) ଜୟଶଙ୍କର ପ୍ରସାଦ (D) ଅରବିନ୍ଦ ଘୋଷ

୩୬. ତୁମ ବିଦ୍ୟାଳୟ କେଉଁ କ୍ଷେତ୍ର ଅନ୍ତର୍ଗତ ଅଟେ ?

(A) ପୂର୍ବ (B) ପଶ୍ଚିମ (C) ଉତ୍ତର (D) ଉତ୍ତରପୂର୍ବ

୩୭. ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ପ୍ରାନ୍ତ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

(A) କଟକ (B) ବାଲେଶ୍ୱର (C) ଭୁବନେଶ୍ୱର (D) ହରିଦ୍ୱାର

୩୮. ବର୍ତ୍ତମାନ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କର ସଂପାଦକଙ୍କ ନାମ କ'ଣ ?

(A) ଶ୍ରୀ ଲିଙ୍ଗରାଜ ଗୌଡ଼ (B) ଡ଼ଃ ବସନ୍ତକୁମାର ପଣ୍ଡା (C) ଶ୍ରୀ କମଳାକାନ୍ତ ମିଶ୍ର (D) ଶ୍ରୀ ଉମେଶଚନ୍ଦ୍ର ଦାଶ



https://ssvmkalamachhuin.in/

୩୯. ବର୍ତ୍ତମାନ ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂଗଠନ ମନ୍ତ୍ରୀଙ୍କର ନାମ କ'ଣ ?

(A) ଶ୍ରୀ ରୋହିତ ବାସୱାନୀ (B) ସୁଶ୍ରୀ ପବିତ୍ରା ଜହର

(C) ଶ୍ରୀ ଶିବକୁମାର (D) ଶ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ

୪୦. "ଶ୍ରୀ ଗୋପାଳଚନ୍ଦ୍ର ହାଲଦାର" ବର୍ତ୍ତମାନ ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର କେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ?

(A) ଅଧ୍ୟକ୍ଷ (B) ଉପାଧ୍ୟକ୍ଷ (C) କୋଷାଧ୍ୟକ୍ଷ (D) ମନ୍ତ୍ରୀ

୪୧. ବର୍ତ୍ତମାନ ଆମ ରାଜ୍ୟର ମହାମହିମ ରାଜ୍ୟପାଳଙ୍କର ନାମ କ'ଣ ?

(A) ଶ୍ରୀଯୁକ୍ତ ଗୋପାଳ ପ୍ରହରାଜ (B) ଶ୍ରୀମତୀ ପ୍ରମିଳା ମଲ୍ଲିକ (C) ଶ୍ରୀଯୁକ୍ତ ପ୍ରଣବ ଦାସ (D) ଶ୍ରୀଯୁକ୍ତ ରଘୁବର ଦାସ

୪୨. ଆମ ରାଜ୍ୟ ବିଧାନସଭାର ପ୍ରଥମ ମହିଳା ବାଚସ୍ପତିଙ୍କ ନାମ କ'ଣ ?

(A) ଶ୍ରୀମତୀ ପ୍ରମିଳା ମଲ୍ଲିକ (B) ଶ୍ରୀମତୀ କମଳା ଦାସ

(C) ଶ୍ରୀମତୀ ସୁଜ୍ଞାନୀ ଦେବୀ (D) ଶ୍ରୀମତୀ ନିବେଦିତା ଦାସ

୪୩. 'କଟକ'ରେ ନବନିର୍ମିତ ବସଷ୍ଟାଣ୍ଡ କେଉଁ ନାମରେ ନାମିତ ହୋଇଅଛି ?

(A) କଟକ ବାରବାଟି ବସ୍ ଟର୍ମିନାଲ (B) କଟକ କାଠଯୋଡ଼ି ବସ୍ ଟର୍ମିନାଲ

(C) କଟକ ମହାନଦୀ ବସ୍ ଟର୍ମିନାଲ (D) ନେତାଜୀ ବସ୍ ଟର୍ମିନାଲ, କଟକ

୪୪. ଅଯୋଧ୍ୟାରେ ନବନିର୍ମିତ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଭବ୍ୟମନ୍ଦିରରେ କେଉଁଦିନ 'ପ୍ରାଣପ୍ରତିଷ୍ଠା' ହୋଇଥିଲା ?

(A) ୨୦ ଫେବୃଆରୀ ୨୦୨୪ (B) ୧୮ ଜାନୁଆରୀ ୨୦୨୪

(C) ୧୦ ଜାନୁଆରୀ ୨୦୨୪ (D) ୨୨ ଜାନୁଆରୀ ୨୦୨୪

୪୫. ପାରା ଅଲିମ୍ପିକରେ ସ୍ୱର୍ଣ୍ଣପଦକ ଜିତିଥିବା ଆମ ରାଜ୍ୟର 'ପ୍ରମୋଦ ଭଗତ' କେଉଁ ଖେଳ ସହ ସଂପୃକ୍ତ ?

(A) ବ୍ୟାଡ଼ମିଣ୍ଟନ (B) ଭଲିବଲ (C) ଫୁଟବଲ (D) ଦୌଡ଼

୪୬. POND : RSTL :: BEDO : __________

(A) PODR (B) DPQR (C) DIJW (D) KLPW


୪୭. 81, 144, 225, __________

(A) 361 (B) 324 (C) 289 (D) 256

୪୮. ODISA : 48 :: KATAK : __________

(A) 42 (B) 43 (C) 44 (D) 45

୪୯.




(A) 36 (B) 46 (C) 56 (D) 27

୫୦. 9 : 80 :: 11 : __________

(A) 122 (B) 120 (C) 125 (D) 124

❖❖❖



https://ssvmkalamachhuin.in/